# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 September - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ପ୍ୟାରିସ୍ ପାରା-ଅଲିମ୍ପିକ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ଖେଳାଳିମାନଙ୍କ ସହ ଭାବ-ବିନିମୟ କଲେ ପ୍ରଧାନମନ୍ତ୍ରୀ
- ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନର ବିକାଶ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ମୌସୁମୀ ବୈଠକ

— ଏ-ହେଲ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ପାଇଁ ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ; ଆସନ୍ତା ୧୮ ତାରିଖ ଦିନ ଗୋଟାଏରୁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ପାରାଅଲିମ୍ପିକ୍ସ-୨୦୨୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍‌ଠାରେ ଅନୁଷ୍ଠିତ ପାରାଅଲିମ୍ପିକ୍ସ-୨୦୨୪ରେ ଭାରତର ପ୍ରତିନିଧିତ୍ୱ କରିଥିବା ଖେଳାଳିମାନଙ୍କ ସହ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପାରା ଖେଳାଳିମାନଙ୍କ ସଫଳତା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଖେଳାଳିମାନେ କ୍ରୀଡାର ବିକାଶ କ୍ଷେତ୍ରରେ ସରକାରଙ୍କର ଉଦ୍ୟମ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୌସୁମୀ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନର ବିକାଶ ପାଇଁ ଆଜି ମୌସୁମୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏ-ହେଲ୍ଥ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ କଟକ ନରାଜର ତାଳଗଡ଼ରେ ନବସ୍ଥାନାନ୍ତରିତ କେନ୍ଦ୍ରୀୟ କୁକୁଟ ବିକାଶ ସଂଗଠନ ୟୁନିଟ୍‌ର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରରେ ଆରମ୍ଭ ହେବାକୁଥିବା ଓମ୍‌ଫେଡ୍ ଭେଣ୍ଡିଂ ମେସିନ୍‌ର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ମେସିନ୍ ଜରିଆରେ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଗ୍ରାହକ ଓମ୍‌ଫେଡ୍‌ର ସମସ୍ତ ସାମଗ୍ରୀ ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ଜନପଥରେ ଏହାର ଆରମ୍ଭ ହେବ। ପରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ମେସିନ୍ ସ୍ଥାପନ କରାଯିବ।

ଏହି କାର୍ଯ୍ୟକ୍ରମରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଏବଂ ଓମ୍‌ଫେଡ୍ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରାଜୀବ ରଂଜନ ସିଂ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ, ଜର୍ଜ କୁରିଅନ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସମେତ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ଯୋଗ ଦେଇଥିଲେ।

# ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ ବୈଠକ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମୃତ୍ତିକା ପରୀକ୍ଷା ନେଇ ଭୁବନେଶ୍ୱରର କୃଷିଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଜଳବାୟୁ ପରିବର୍ତ୍ତନ ନେଇ ମୃତ୍ତିକାର ଗୁଣବତ୍ତା ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ମୃତ୍ତିକାର ପରୀକ୍ଷଣ ଅତ୍ୟନ୍ତ ଜରୁରୀ । ମୃତ୍ତିକାର ଗୁଣବତ୍ତା ଅନୁଯାୟୀ ଫସଲ ଲଗାଇବା ସହିତ ସାର ଓ ଜୈବିକ ଖତ ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହିତ ଚାଷୀ ମଧ୍ୟ ଲାଭ ପାଇପାରିବ । ଚାଷୀ ମୃତ୍ତିକା ପରୀକ୍ଷଣ କଲେ ଏହାର ରିପୋର୍ଟ ୩ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ  ବୋଲି ମନ୍ତ୍ରୀ କହିଛନ୍ତି ।

# ମୁକେଶ ମହାଲିଙ୍ଗ-ଆଶାକର୍ମୀ ଆଲୋଚନା

ସୁଭଦ୍ରା ଯୋଜନା ସଂପର୍କରେ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟର ଆଶାକର୍ମୀଙ୍କ ସହ ସୁଭଦ୍ରା ଯୋଜନା ବିଷୟରେ ମନ୍ତ୍ରୀ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏଥିରେ ସୁଭଦ୍ରା ଯୋଜନାକୁ ଘରେ ଘରେ ପହଂଚାଇବା ତଥା ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ନେଇ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ  ଆଭାସୀ ମାଧ୍ୟମରେ ବିନା ଦେୟରେ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏ ସଂପର୍କରେ ମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମ  ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା, ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ଦିଗରେ ସହାୟକ ହେବ । ସୂଚନା ଅନୁସାରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ନାମଲେଖାଇଥିବା ୮୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ମାଧ୍ୟମରେ ଯୋଡ଼ି ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ପ୍ରତି ସୋମବାରରୁ ଗୁରୁବାର ପର୍ଯ୍ୟନ୍ତ ଏହି ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଡ଼ିହୋଇ ପାରିବେ ।

## ରାସ୍ତା ମରାମତି ପାଇଁ ସମୀକ୍ଷା ବୈଠକ

ଭୁବନେଶ୍ୱର ଓ କଟକ ସହରର ସମସ୍ତ ରାସ୍ତାର ମରାମତି ଓ ଉନ୍ନତୀକରଣ ନିମନ୍ତେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରତ୍ନଭଣ୍ଡାର ନିରୀକ୍ଷଣ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇ ପକ୍ଷରୁ  ଆସନ୍ତା ୧୮ ତାରିଖରେ ହେବାକୁଥିବା ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ପାଇଁ ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ଏଏସ୍ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଂଚ ହେବ। ଏଥିପାଇଁ ୧୮ ତାରିଖ ବୁଧବାର ଦିନ ଅପରାହ୍ନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁମାନେ ସିଂହଦ୍ୱାରପଟେ ବାଇଶିପାହାଚ ଦେଇ ଆନନ୍ଦବଜାରରୁ ମହାପ୍ରସାଦ କ୍ରୟ କରିପାରିବେ। ପୂର୍ବରୁ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି।

## ଅବକାରୀ ନୀତି

ଅବକାରୀ ନୀତିରେ ରାଜ୍ୟ ସରକାର ସଂଶୋଧନ ଆଣିଛନ୍ତି। ଫଳରେ, ପୁରୀ ବେଳାଭୂମିରେ ମଦ ଦୋକାନ ଖୋଲିବା ଉପରେ  ରୋକ ଲଗା ଯାଇଛି। ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଦିଗକୁ ଦୃଷ୍ଟିରେ ରଖି ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏଥିସହ କୌଣସି ଧାର୍ମିକ ଅନୁଷ୍ଠାନର ୫ କିଲୋମିଟର ପରିଧି ମଧ୍ୟରେ ମଦଦୋକାନ ଖୋଲିପାରିବ ନାହିଁ ବୋଲି ସଂଶୋଧିତ ବିଜ୍ଞପ୍ତିରେ ଅବକାରୀ କମିଶନର ନରସିଂହ ଭୋଳ ସୂଚନା ଦେଇଛନ୍ତି।

# ସୁଭଦ୍ରା-ସଚେତନତା

ରାଜ୍ୟରେ ସୁଭଦ୍ରା ଯୋଜନା ସଂପର୍କିତ ଜନସଚେତନତା ସୃଷ୍ଟି ପାଇଁ ଆଜିଠାରୁ ପ୍ରତି ବ୍ଲକ ଓ ପଞ୍ଚାୟତରେ ସୁଭଦ୍ରା ସ୍ୱାଗତ ସପ୍ତାହ ଆରମ୍ଭ ହେଉଛି। ଏଥିରେ ବ୍ଲକ ସ୍ତରର ସମସ୍ତ ଅଧିକାରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ଆଶାକର୍ମୀ ଲୋକଙ୍କୁ ସୁଭଦ୍ରା ଯୋଜନା ସଂପର୍କରେ ସଚେତନ କରିବେ । ପ୍ରତି ଗ୍ରାମପଞ୍ଚାୟତରେ ପଥପ୍ରାନ୍ତ ନାଟକ ସହ ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତାର ଆୟୋଜନ ହେବ । ପ୍ରତି ଅଞ୍ଚଳର ସଫଳ ମହିଳାଙ୍କୁ **ସୁଭଦ୍ରା ଅପା** ଆଖ୍ୟା ଦିଆଯିବା ସହ ସଫଳ ମହିଳାଙ୍କ କାହାଣୀକୁ **ମୋ ସୁଭଦ୍ରା କାହାଣୀ** ଭାବେ  ପ୍ରତିଷ୍ଠିତ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାସୁଦ୍ଧା ସୁଭଦ୍ରା ଯୋଜନା ପାଇଁ ୪୫ ଲକ୍ଷ ଲୋକ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ।

## ସ୍ୱଚ୍ଛତା ପକ୍ଷ

ଦେଶବ୍ୟାପୀ ଆସନ୍ତା ୧୭ ତାରିଖ ମଙ୍ଗଳବାରରୁ ଅକ୍ଟୋବର ୨ ଗାନ୍ଧିଜୟନ୍ତୀ ପର୍ଯ୍ୟନ୍ତ 'ସ୍ୱଚ୍ଛ ଭାରତ ମିଶନ' ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯିବ। ଏ ନେଇ **ନୂଆପଡା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନର ମିଳିତ ଉଦ୍ୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ତଥା **ସଫେଇମିତ୍ର,** ସୁରକ୍ଷା ଶିବିର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଚଳିତବର୍ଷ ସ୍ୱଚ୍ଛତା ହିଁ ସେବାର ଶୀର୍ଷକ ରହିଛି "ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା"। ଏହି ପକ୍ଷକୁ ଶୃଙ୍ଖଳିତ, ବ୍ୟବସ୍ଥିତ ତଥା ଜନସହଭାଗିତାରେ ପାଳନ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

ସେହିପରି **ନୟାଗଡ଼** ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତଙ୍କର ଯୋଗଦାନ, ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସଫେଇ କର୍ମଚାରୀଙ୍କ ସୁରକ୍ଷା ଉପରେ ବୈଠକରେ ଆଲୋଚନା ହୋଇଥିଲା।

## ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା

**ନୟାଗଡ଼** ଜିଲ୍ଲାରେ ବୃହତ୍ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସମୀକ୍ଷା କରିଛନ୍ତି। ବୈଠକରେ ସେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ

ଯୋଗାଇଦେବା ପାଇଁ ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକ୍‌ରେ ବୃହତ୍ ପାନୀୟ ଜଳ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଚାଲିଛି। ୪୮୪ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧିନ ଏହି ପ୍ରକଳ୍ପ ଦ୍ୱାରା ୪୨ଟି ପଞ୍ଚାୟତର ଲୋକ ଉପକୃତ ହେବେ।

## ବାର୍ଡ ଫ୍ଲୁ ପାଇଁ କୁକୁଡ଼ା ଚାଷ ବନ୍ଦ

**ପୁରୀ** ଜିଲ୍ଲାର ବାର୍ଡ ଫ୍ଲୁ ସଂକ୍ରମିତ ଅଂଚଳରେ ଆସନ୍ତା ୩ ମାସ ପାଇଁ କୁକୁଡ଼ା ଚାଷ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ପିପିଲି, ଡେଲାଙ୍ଗ, ନିମାପଡ଼ା ଓ ସତ୍ୟବାଦୀ ଆଦି ଅଂଚଳରେ କୁକୁଡ଼ା ଚାଷ ବନ୍ଦ କରାଯାଇଛି। ସଂକ୍ରମିତ ଅଂଚଳର ୧ କିଲୋମିଟର ପରିଧି ଭିତରେ କୁକୁଡ଼ା ଚାଷ ହୋଇପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## କଂସବଧ ନୀତି

ଭାଦ୍ରବ ମାସ ଶୁକ୍ଳପପକ୍ଷ ଦଶମୀ ତିଥି ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ କଂସ ବଧ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ରତ୍ନ ସିଂହାସନରେ ବିଜେ କରାଇବେ। ବିମାନବଡୁ ସେବକମାନେ ପାଲିଙ୍କିକୁ କୁଣ୍ଢାଇ ବେଣ୍ଟସାହିରେ ଥିବା ଲବଣୀଖିଆ ଛକକୁ ନେବେ। ଛକରେ ଥିବା ପନ୍ଦୀଘରେ ଲବଣୀଖିଆ ନୀତି ସମ୍ପନ୍ନ କରାଯିବ।

## +୨ ଫର୍ମ ପୂରଣ

ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆସନ୍ତା ୧୮ ତାରିଖରୁ ଫର୍ମ ପୂରଣ ଆରମ୍ଭ ହେବ । ରେଗୁଲାର ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିପାରିବେ । ଏ ନେଇ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅକ୍ଟୋବର ମାସ ୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ବିନା ଜୋରିମାନାରେ ଫର୍ମ ପୂରଣ କରିପାରିବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

# ଆପଦା ପ୍ରବନ୍ଧନ ପୁରସ୍କାର

କେନ୍ଦ୍ର ସରକାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ **ସୁବାସ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର-୨୦୨୫** ଲାଗି ନାମାଙ୍କନ ଆମନ୍ତ୍ରଣ କରିଛନ୍ତି । ଏଥିପାଇଁ ଯେକୌଣସି ବ୍ୟକ୍ତି ବା ସଂସ୍ଥା ଆବେଦନ କରିପାରିବେ । ଏହି ପୁରସ୍କାର ପାଇଁ  ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିପାରିବେ । ଆସନ୍ତା ଜାନୁୟାରୀ ୨୩ ତାରିଖ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଏହି ପୁରସ୍କାର ଘୋଷଣା କରାଯିବ ।

# ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି । ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ, ହୀରାକୁଦ ଜଳଭଣ୍ଡାରର ଆଉ ୪ଟି ଗେଟ୍ ଖୋଲିବା ପରେ ବର୍ତ୍ତମାନ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି ।

**********************************